ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

**ସପ୍ତାହ ସଂଖ୍ୟା -୪୮**

**ବୁଲେଟିନ ନମ୍ବର :୯୫**
**ତାରିଖ : ୨୮.୧୧.୨୦୨୫**
**(ଶୁକ୍ରବାର)**

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୨.୧୧.୨୦୨୫ ରୁ ୨୮.୧୧.୨୦୨୫)

| | |
|---|---|
| **ବୃଷ୍ଟିପାତ (ମି.ମି.)** | **୦.୦** |
| **ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ)** | **୨୭.୮-୩୧.୧** |
| **ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ)** | **୧୨.୬-୨୦.୫** |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୩.୧୨.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 29-11-2025 | 0 | 30 | 12 | 0 | 85 | 43 | 8 | 349 |
| 30-11-2025 | 0 | 30 | 12 | 0 | 88 | 44 | 4 | 338 |
| 01-12-2025 | 0 | 29 | 13 | 1 | 88 | 38 | 4 | 323 |
| 02-12-2025 | 0 | 30 | 14 | 1 | 80 | 40 | 4 | 336 |
| 03-12-2025 | 0 | 31 | 15 | 1 | 79 | 36 | 2 | 321 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ । ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବ । ଆଗାମୀ ୫ଦିନ ପବନ ୦୨-୦୮ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୯-୩୧ ଡି.ସେ. ମଧରେ ଓ ସର୍ବନିମ୍ନ ତାପମାତ୍ରା ୧୨-୧୫ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୯ ରୁ ୮୮ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୬-୪୪ ପ୍ରତିଶତ ମଧରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଜଳସେଚିତ ମାଧମ କିମ୍ବା ସ୍ୱଳ୍ପ ଖାଲୁଆ ଜମିରେ ମୁଗ, ଝୁଡୁଙ୍ଗ ଇତ୍ୟାଦି କମ ଦିନିଆ ରବି ଫସଲ ଚାଷ କରନ୍ତୁ ।
- ଶୀତ ଦିନିଆ ପନିପରିବା ରୋଇବା କାର୍ଯ୍ୟ ସମାପ୍ତ କରନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।
- ବର୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| **ଧାନ** | ଅମଳ ପରବର୍ତୀ ଅବସ୍ଥା | • ଧାନ ଅମଳ ସମୟରେ ମୂଷା କ୍ଷତି ଘଟାଇ ଥାଏ । ମୂଷା କୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତ କୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ । ତାପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା ( ଗୋଟେ ବଟିକା ୧୨ ଗ୍ରାମ ) କନା ରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁ କୁ କାଦୁଅ ରେ ବନ୍ଦ କରି ଦିଅନ୍ତୁ । |
| **ବିରି ଓ ମୁଗ** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ମୁଗ ଓ ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Sulphur 80% WP @ ୮୦୦ ଗ୍ରାମ କିମ୍ବା Hexaconazole ୫% E.C @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଆଖୁ** | ପାକଳ ଅବସ୍ଥା | • ଆଖୁ ଫସଲକୁ ଜମି ପତନ ଠାରୁ ଏକ ଇଞ୍ଚ ତଳକୁ, ଯେପରକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ ,ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ । |
| **ଚିନାବାଦାମ** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଧୂଆଁପତ୍ର ଗୋଟି ପୋକ ପରିଚାଳନା ପାଇଁ ଏକର ପ୍ରତି ସ୍ପୋଡୋଲିଓର ଥିବା ସଙ୍ଗ ଆକର୍ଷକ ଯନ୍ତ୍ରା ରୁ ୬-୮ ଟି ରଖନ୍ତୁ । ହିଡ ରେ ଏକର ପ୍ରତି ୧୦ କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ। ଏକର ପ୍ରତି ୪୦୦ ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି |

| | | |
|---|---|---|
| | | Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦ ଗ୍ରାମ Flubendiamide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| **ସୋରିଷ** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ କୋହଲା ପାଗ ଥିବା ଯୋଗୁଁ ସୋରିଷରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ। ଏକର ପ୍ରତି ୬୦୦ମିଲି ନିମ୍ବ ଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ପୋକ ଆକ୍ରମଣ ଅଧିକ ଦେଖାଦେଲେ ଜଉ ପୋକର ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ ଥାୟାମେଥୋକାମ (Thiamethoxam)ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ (Acetamiprid) ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| **ରାଶି** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ପ୍ରାକ ରବି ରାଶିରେ ପତ୍ର ମୋଡା ବା ପତ୍ର ଛନ୍ଦା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ମି.ଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ମିଲି Profenophos ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| **ପୋଟଳ** | ଫଳ ଧରିବା ଅବସ୍ଥା | • ବର୍ତମାନ ସମୟରେ ପୋଟଳ ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି Metalaxyl ୮% + Mancozeb ୬୪% W.P @ ୪୦୦ ଗ୍ରାମ କିମ୍ବା Fosetyl -AL ୮୦ % WP @ ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| **କୋବି ଜାତୀୟ ପନିପରିବା** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଶୀଘ୍ର ଓ ଅଧିକ ଅମଳ ପାଇଁ ଏକର ପ୍ରତି ୭୫ ମିଲି Gibberellic Acid ନାମକ ହରମୋନ, ଚାରା ଲାଗେଇବାର ୪୫ ଓ ୭୫ ଦିନ ବେଳକୁ ଦୁଇଥର ସିଂଚନ କରନ୍ତୁ। ମାଟିର ବତର ଦେଖି ପ୍ରତି ୭ ରୁ ୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ। |
| **କଖାରୁ ଜାତୀୟ ପନିପରିବା** | ଫୁଲ ଓ ଫଳ ଧରିବା ଅବସ୍ଥା | • ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ (Cyantraniliprole) ନାମକ କୀଟନାଶକ କିମ୍ବା ୬୦-ମିଲିଇମିଡାକ୍ଲୋପ୍ରିଡ (Imidacloprid) ନାମକ କୀଟନାଶକ କିମ୍ବା ୪୦୦-ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| **ପଶୁ ସମ୍ପଦ** | • ଶୀତ ଋତୁ ରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ । | |
| **ମତ୍ସ୍ୟ ସମ୍ପଦ** | • ଶୀତ ଋତୁରେ ମାଛ ପୋଖରୀ ର ୬ ଫୁଟ ପର୍ଯ୍ୟନ୍ତ ପାଣି ରଖନ୍ତୁ । ତାପମାତ୍ରା ହ୍ରାସ ଯୋଗୁଁ ମାଛ ମାନେ କମ ପରିମାଣର ଖାଦ୍ୟ ଗ୍ରହଣ କରିଥାନ୍ତି । ତେଣୁ ଶୀତଦିନ ତାପମାତ୍ରାକୁ ଦୃଷ୍ଟିରେ ରଖି ୫୦ ରୁ ୭୫ % କମ ଖାଦ୍ୟ ଦିଅନ୍ତୁ । ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ । | |
| **କୁକୁଡା** | • ଶୀତ ଋତୁରେ କୁକୁଡା ମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହରେ ୨୦୦ ୱାଟର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । | |

**ସହଯୋଗୀ ଗବେଷଣା ନିର୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**